## ଭାବବାଦୀ ୱିଲିୟମ୍ ମେରିଅନ ବ୍ରାନ୍‌ହାମଙ୍କ ନିକଟକୁ ପରମେଶ୍ୱରଙ୍କ ବାକ୍ୟ ଆଗତ ହେଲା

## God's Word Came to Prophet William Marrion Branham

## "ଯୀଶୁ ଖ୍ରୀଷ୍ଟ ପରମେଶ୍ୱର ଅଟନ୍ତି"
## "JESUS CHRIST IS GOD"

ବର୍ତ୍ତମାନ ଏହା ହିଁ ପ୍ରକାଶନ ଅଟେ । **ଯୀଶୁ ଖ୍ରୀଷ୍ଟ ହିଁ ପରମେଶ୍ୱର ଅଟନ୍ତି । "ପୁରାତନ ନିୟମର ଯିହୋବାଃ ହିଁ ନୂତନ ନିୟମର ଯୀଶୁ ଅଟନ୍ତି ।"** ଆପଣ ଯେତେ ଚେଷ୍ଟା କରନ୍ତୁ ନା କାହିଁକି, ତିନିଜଣ ପରମେଶ୍ୱର ଅଛନ୍ତି ବୋଲି ପ୍ରମାଣ କରିପାରିବେ ନାହିଁ । ମାତ୍ର ସେ ଯେ ଏକ ଅଟନ୍ତି, ଏହି ସତ୍ୟତା ଆପଣଙ୍କୁ ବୁଝାଇବା ନିମନ୍ତେ ମଧ୍ୟ ଏହା ପବିତ୍ର ଆତ୍ମାଙ୍କ ଦ୍ୱାରା ଏକ ପ୍ରକାଶନକୁ ଗ୍ରହଣ କରିଥାଏ । **'ପୁରାତନ ନିୟମର ଯିହୋବାଃ ହିଁ ନୂତନ ନିୟମର ଯୀଶୁ ଅଟନ୍ତି'** ଏହି ବିଷୟ ବୁଝିବା ପାଇଁ ଏହା ଏକ ପ୍ରକାଶନକୁ ଆବଶ୍ୟକ କରେ । ଶୟତାନ ମଣ୍ଡଳୀ ମଧ୍ୟକୁ ଧୀରେ-ଧୀରେ ଅଜ୍ଞାତସାରରେ ପ୍ରବେଶ କଲା ଏବଂ ଏହି ସତ୍ୟତା ପ୍ରତି ଲୋକମାନଙ୍କର ଚକ୍ଷୁକୁ ଅନ୍ଧ କରି ପକାଇଲା । ଆଉ, ସେମାନେ ଏହି ସତ୍ୟତା ପ୍ରତି ଅନ୍ଧ ହୋଇଯିବାର କିଛିକ୍ଷଣ ଉତ୍ତାରେ ହିଁ ରୋମ୍‌ସ୍ଥିତ ମଣ୍ଡଳୀ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମରେ ବାପ୍ତିସ୍ମ ଦେବାର କାର୍ଯ୍ୟଟିକୁ ବନ୍ଦ କରି ଦେଇଥିଲା ।

ମୁଁ ସ୍ୱୀକାର କରେ ଯେ, ଧର୍ମଶାସ୍ତ୍ରର ଏତେ ଅଧିକ ବିପଥଗାମୀ (ଅର୍ଥାତ ମିଶ୍ରିତ-କଳୁଷିତ ଏକାଧିକ ମତବାଦ - ଅନୁ)ର ସମୟ ମଧ୍ୟରେ ଆମେ ରହିଥିବାବେଳେ, ପରମେଶ୍ୱରତ୍ୱ ବିଷୟକ ସତ୍ୟତାକୁ ଏହି ଦିନମାନଙ୍କରେ ବୁଝିବା ପାଇଁ ଏହା ପବିତ୍ର ଆତ୍ମାଙ୍କଠାରୁ **ଏକ ବାସ୍ତବ ପ୍ରକାଶନ (real revelation)**କୁ ଆବଶ୍ୟକ କରିଥାଏ । ତେବେ, ଅତି କ୍ଷମତାଶାଳୀ,ବିଜୟୀ ମଣ୍ଡଳୀ ପ୍ରକାଶନ ଉପରେ ନିର୍ମିତ ଅଟେ, ଏଣୁ ପରମେଶ୍ୱର ଯେପରି ତାହାଙ୍କ ସତ୍ୟତା ଆମ ନିକଟରେ ପ୍ରକାଶ କରନ୍ତି ଏହା ଆମେ ତାହାଙ୍କଠାରୁ ଆଶା କରିପାରିବା । ଯାହାହେଉ, ଆପଣ ପ୍ରକୃତରେ ଜଳବାପ୍ତିସ୍ମ ଉପରେ ଏକ ପ୍ରକାଶନକୁ ଆବଶ୍ୟକ କରନ୍ତି ନାହିଁ । ଏହା ତ ଠିକ୍ ସେଠାରେ ଆପଣଙ୍କ ସମ୍ମୁଖରେ ଆପଣଙ୍କୁ ସୁସ୍ପଷ୍ଟ କରୁଅଛି । ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କର ନାମରେ ବାପ୍ତିସ୍ମ ଦେବାର ପ୍ରଭୁଙ୍କ ଏକ ସିଧାସଳଖ ଆଦେଶରୁ ପ୍ରେରିତମାନେ ମୁହୂର୍ତ୍ତକ ପାଇଁ ବିପଥଗାମୀ ହୋଇ ତତ୍ପରେ ଆପଣମାନଙ୍କୁ **ଇଚ୍ଛାକୃତ** ଅବାଧ୍ୟତା ମଧ୍ୟରେ ପାଇବା ସମ୍ଭବପର କି ? ସେହି ନାମଟି ଯେ କଣ ଥିଲା, ତାହା ସେମାନେ ଜାଣିଥିଲେ, ପୁଣି ଧର୍ମଶାସ୍ତ୍ରରେ ଏପରି ଗୋଟିଏ ମାତ୍ର ସ୍ଥାନ ନାହିଁ ଯେଉଁଠାରେ ଶିଷ୍ୟମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ବାପ୍ତିସ୍ମ ଦେଇଥିଲେ ବୋଲି ପ୍ରମାଣ ରହିଛି । ସାଧାରଣ ଜ୍ଞାନ ଆପଣଙ୍କୁ କହିଦେବ ଯେ **ପ୍ରେରିତ କ୍ରିୟା ନାମକ ପୁସ୍ତକଟି କାର୍ଯ୍ୟାନୁରତ ମଣ୍ଡଳୀ(the church in action)** (ଅର୍ଥାତ୍ ମଣ୍ଡଳୀର କାର୍ଯ୍ୟକାରିତା - ଅନୁ) **ଅଟେ**, ଆଉ ଯଦି ସେମାନେ ସେହି ପ୍ରକାରେ **(ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମରେ)** ବାପ୍ତିସ୍ମ ଦେଇଥିଲେ, ତାହାହେଲେ

ବାପ୍ତିସ୍ମ ଦେବାର ତାହା ହିଁ ଏକମାତ୍ର ମାର୍ଗ ବା ପନ୍ଥା ଅଟେ । ତେବେ, ଆପଣ ଯଦି ସେ ବିଷୟଟିକୁ କଠିଣ ବୋଲି ମନେ କରନ୍ତି, ତାହାହେଲେ ଏ ଗୋଟିକ ବିଷୟରେ ଆପଣ କ'ଣ ବିଚାର ପୋଷଣ କରନ୍ତି ? ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇ ନ ଥିବା ଯେକୌଣସି ବ୍ୟକ୍ତିଙ୍କୁ ପୁଣିଥରେ ବାପ୍ତିଜିତ ହେବାକୁ ପଡ଼ିଥିଲା ।

*ପ୍ରେରିତିକ କ୍ରିୟା ୧୯ : ୧-୬ ପଦ* ବ୍ୟକ୍ତ କରେ, *"ଆପଲ୍ଲ କରିନ୍ଥରେ ଥିବା ସମୟରେ ପାଉଲ ପୂର୍ବ ଅଞ୍ଚଳ ଦେଇ ଯାତ୍ରା କରି ଏଫିସ ନଗରକୁ ଆସି କେତେକ ଶିଷ୍ୟଙ୍କ ଦେଖା ପାଇଲେ । ସେ ସେମାନଙ୍କୁ ପଚାରିଲେ, ବିଶ୍ୱାସ କରିବା ସମୟରେ କଅଣ ତୁମ୍ଭେମାନେ ପବିତ୍ର ଆତ୍ମାଙ୍କୁ ପାଇଥିଲ ? ସେମାନେ ତାହାଙ୍କୁ ଉତ୍ତର ଦେଲେ, ନା, ପବିତ୍ର ଆତ୍ମା ଯେ ଦତ୍ତ ହୋଇଅଛନ୍ତି, ତାହା ସୁଦ୍ଧା ଅମ୍ଭେମାନେ ଶୁଣି ନାହୁଁ, ତେଣୁ ସେ ପଚାରିଲେ, ତେବେ ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ ? ସେମାନେ କହିଲେ, ଯୋହନଙ୍କ ବାପ୍ତିସ୍ମରେ, ସେଥିରେ ପାଉଲ କହିଲେ, ଯୋହନ ମନଃପରିବର୍ତ୍ତନର ବାପ୍ତିସ୍ମରେ ବାପ୍ତିସ୍ମ ଦେଇ, ତାହାଙ୍କ ପରେ ଯେ ଆସିବେ, ତାହାଙ୍କଠାରେ, ଅର୍ଥାତ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ହେବ ବୋଲି ଲୋକମାନଙ୍କୁ କହୁଥିଲେ । ସେମାନେ ଏହା ଶୁଣି* ***'ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ'*** *ଆଉ ପାଉଲ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କଲେ, ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଓ ଭାବବାଣୀ ମଧ୍ୟ କହିବାକୁ ଲାଗିଲେ ।"* ସେଠାରେ ଏହିପ୍ରକାର ଅଛି । ଏଫିସରେ ଥିବା ଏହି ଉତ୍ତମ ଲୋକମାନେ ଆଗମନକାରୀ ମଶୀହଙ୍କର ବିଷୟ ଶୁଣିଥିଲେ । ଯୋହନ ତାହାଙ୍କୁ (ଯୀଶୁଙ୍କୁ) ପ୍ରଚାର କରିସାରିଥିଲେ । ଯୀଶୁଙ୍କଠାରେ ବିଶ୍ୱାସ କରି ରହିବା ନିମନ୍ତେ **ଆଗକୁ** ଲକ୍ଷ୍ୟରଖି ସେମାନେ ପାପରୁ ମନଃପରିବର୍ତ୍ତନ ନିମନ୍ତେ (ମନଃପରିବର୍ତ୍ତନ ବାପ୍ତିସ୍ମରେ) ବାପ୍ତିଜିତ ହୋଇଥିଲେ । ମାତ୍ର ଯୀଶୁଙ୍କର ଆଡକୁ ଫେରି ଦୃଷ୍ଟିପାତ କରବାର ବର୍ତ୍ତମାନ ଏହା ସମୟ ଥିଲା, ପୁଣି ସକଳ ପାପରୁ କ୍ଷମା ପାଇବା ପାଇଁ ବାପ୍ତିଜିତ ହେବାର ଅବସରଟି ଥିଲା । ଏହା ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବାର ସମୟ ଥିଲା । ଆଉ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସେମାନେ ଯେତେବେଳେ ବାପ୍ତିଜିତ ହେଲେ, ପାଉଲ ଆପଣା ହସ୍ତଦ୍ୱୟ ସେମାନଙ୍କ ଉପରେ ରଖିଲେ ଏବଂ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରିତ ହେଲେ ।

ଓଃ ! ଏଫିସ୍‌ରେ ଥିବା ସେହି ପ୍ରିୟ ଜନସାଧାରଣ ଉତ୍ତମ ଲୋକ ଥିଲେ, ଆଉ, ଯଦି କୌଣସି ବ୍ୟକ୍ତି ଆପଣାକୁ ନିରାପଦ ବା ସୁରକ୍ଷିତ ଅନୁଭବ କରିବାର ଏକ ଅଧିକାରକୁ ପ୍ରାପ୍ତ କରିଥିଲେ, ତେବେ ସେମାନେ ହିଁ ତାହା ଲାଭ କରିଥିଲେ । ସେମାନେ ଯେ କେତେ ଦୂର ଆଗେଇ ଆସିଥିଲେ, ତାହା ଲକ୍ଷ୍ୟ କରନ୍ତୁ । ଆଗମନକାରୀ ମଶୀହଙ୍କୁ ଗ୍ରହଣ କରିବା ନିମନ୍ତେ ସେମାନେ ଏତେ ଦୂର ଆଗେଇ ଆସିଥିଲେ । ସେମାନେ ତାହାଙ୍କ(ଯୀଶୁଙ୍କ) ନିମନ୍ତେ ପ୍ରସ୍ତୁତ ଥିଲେ । ତେବେ, ଏସବୁ ସତ୍ତ୍ୱେ ସେମାନେ ଯେ ତାହାଙ୍କୁ (ଯୀଶୁଙ୍କୁ) ପାଇବାକୁ ବିଫଳ ହୋଇଥିଲେ, ତାହା ଆପଣମାନେ କି ଦେଖୁ ନାହାନ୍ତି? ସେ (ଯୀଶୁ) ଆସି ସାରିଥିଲେ ପୁଣି ଚାଲି ଯାଇଥିଲେ । (ଏଣୁ) ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମରେ

ବାପ୍ତିଜିତ ହେବା ସେମାନଙ୍କର ପ୍ରୟୋଜନ ଥିଲା । ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବା ସେମାନଙ୍କର ପ୍ରୟୋଜନ ଥିଲା ।

ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମରେ ଯଦି ବାପ୍ତିଜିତ ହୋଇସାରିଛନ୍ତି, ତାହାହେଲେ ପରମେଶ୍ୱର ତାହାଙ୍କର ଆତ୍ମାରେ ଆପଣଙ୍କୁ ପରିପୂର୍ଣ୍ଣ କରିବେ । ତାହା ହିଁ ତ ବାକ୍ୟ ଅଟେ । *ପ୍ରେରିତ ୧୯ : ୬* ପଦ ଯାହାକି ଆମେ ପାଠ କଲୁ, ତାହା *ପ୍ରେରିତ ୨: ୩୮* ପଦର ସମ୍ପୂର୍ଣ୍ଣୀକରଣ (ପରିପୂରକ) ଥିଲା, ଯଥା: *"ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ-ନିଜ ପାପକ୍ଷମା ନିମନ୍ତେ* (for the REMISSION of sins) *ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।"* ଦେଖନ୍ତୁ, ପାଉଲ ପବିତ୍ର ଆତ୍ମାଙ୍କ ସାହାର୍ଯ୍ୟରେ ଠିକ୍ ତାହା ହିଁ କହିଲେ ଯାହା ପିତର ପବିତ୍ର ଆତ୍ମାଙ୍କ ଦ୍ୱାରା କହିଥିଲେ । ଆଉ ଯାହା କୁହାଯାଇଥିଲା, ତାହା ପରିବର୍ତ୍ତନ କରାଯାଇ ପାରିବ ନାହିଁ । ପେଣ୍ଟିକଷ୍ଟ ଦିନରୁ ଆରମ୍ଭ କରି ସେହି ସର୍ବଶେଷ ମନୋନୀତ ବ୍ୟକ୍ତି ଜଣକ ବାପ୍ତିସ୍ମ ନେବା ପର୍ଯ୍ୟନ୍ତ ଏହା ଠିକ୍ ସେହିପରି ସମାନ ଭାବରେ ହିଁ ହେବାକୁ ଅଛି । *ଗାଲାତୀୟ ୧ : ୮* ପଦ ଅନୁସାରେ, *"କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ ।"*

ତେବେ, ଆପଣମାନଙ୍କ ମଧ୍ୟରୁ କେତେକ ଏକତ୍ୱବାଦୀ ('ୱାନ୍‌ନେସ୍' 'One-ness') ଲୋକମାନେ ଭୁଲ୍ ବାପ୍ତିସ୍ମ ଦେଇଥା'ନ୍ତି । ଆପଣମାନେ (ଆଧ୍ୟାତ୍ମିକ) ପୁନର୍ଜନ୍ମ (regeneration)ର ନିମନ୍ତେ ଜଳରେ ଡୁବିତ କରିଥାନ୍ତି, ଯେତେ ଯେପରି ଜଳରେ ଡୁବିତ ହେବା ହିଁ ଆପଣଙ୍କୁ ରକ୍ଷା କରେ । (ଆଧ୍ୟାତ୍ମିକ) ପୁନର୍ଜନ୍ମ ଜଳ ଦ୍ୱାରା ଆସି ନ ଥାଏ, ତାହା ତ ଆତ୍ମାଙ୍କର ଏକ କର୍ମ ଅଟେ । ସେହି ବ୍ୟକ୍ତି, ଯେ କି ପବିତ୍ର ଆତ୍ମାଙ୍କ ଦ୍ୱାରା ଆଦେଶ ପ୍ରଦାନ କରିଥିଲେ, *"ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ* (ନିଜ ନିଜ ପାପକ୍ଷମା ନିମନ୍ତେ) *ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କର ନାମରେ ବାପ୍ତିଜିତ ହୁଅନ୍ତୁ"*, ଜଳ ଯେ (ଆଧ୍ୟାତ୍ମିକ) ପୁନର୍ଜନ୍ମ ଦିଏ ସେ ଏ କଥା କହି ନ ଥିଲେ । ସେ(ପିତର) କହିଥିଲେ ଯେ, ଏହି ଜଳବାପ୍ତିସ୍ମ *"ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଶୁଚି ବିବେକ"*ର କେବଳ ଏକ ଚିହ୍ନ ବା ପ୍ରମାଣ ମାତ୍ର ହିଁ ଅଟେ । ତାହା ହିଁ ସବୁ କିଛି ଥିଲା । *୧ମ ପିତର ୩ :୨୧* ପଦ ବର୍ଣ୍ଣନା କରେ, *"ସେଥିର ପ୍ରତିରୂପ ବାପ୍ତିସ୍ମ*, (ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ପରମେଶ୍ୱରଙ୍କର ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା), *ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍‌ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।"* ମୁଁ ଏହା ହିଁ ବିଶ୍ୱାସ କରେ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ଜଳ-ବାପ୍ତିସ୍ମକୁ ଇତିହାସ ପ୍ରମାଣ କରିପାରେ ବୋଲି ଯଦି କାହାରି କୌଣସି ଭ୍ରାନ୍ତ ଧାରଣା ଥାଏ, ତାହାହେଲେ ମୁଁ ଆପଣଙ୍କୁ ପରାମର୍ଶ ଦେବି ଯେ, ଆପଣ ଇତିହାସଗୁଡ଼ିକୁ ପାଠ କରନ୍ତୁ ଓ ଆପଣଙ୍କ

ନିମନ୍ତେ ଲାଭ କରନ୍ତୁ । ନିମ୍ନଲିଖିତ ଅଂଶଟି ବାପ୍ତିସ୍ମର ଏକ ସତ୍ୟ ବିବରଣୀ **ଅଟେ,** । ଯାହାକି (ଖ୍ରୀଷ୍ଟାବ୍ଦ) 100 A.D. ରେ ରୋମ୍‌ରେ ଘଟିଥିଲା ଏବଂ ୫ ଡିସେମ୍ବର, ୧୯୫୫ ରେ, ଟାଇମ୍ (TIME) ନାମକ ପତ୍ରିକାରେ ପୁନଃ ଉପସ୍ଥାପିତ (reproduce) ହୋଇଥିଲା । ଯଥା : *"ତିକନ ଜଣକ ଆପଣାର ହସ୍ତ ଉପରକୁ ଉଠାଇଥିଲେ ଏବଂ 'ପବ୍ଲି ୟସ୍ ଡ଼େସିୟସ୍'* Publius decius*) ବାପ୍ତିସ୍ମ ଦାନର ଦ୍ୱାର* (baptistry door) *ଦେଇ ଭିତରକୁ ପଶି ଆସିଥିଲେ । କାଷ୍ଠ-ବିକ୍ରେତା, 'ମାର୍କସ୍ ୱାସକା'* (Marcus Vasca) *ସେହି କୁଣ୍ଡ ଭିତରେ ଅଣ୍ଟା-ଗଭୀର* (waist-deep) *ଜଳ ମଧ୍ୟରେ ଠିଆ ହୋଇଥିଲେ । ପବ୍ଲିୟସ୍* (Publius) *କୁଣ୍ଡ ମଧ୍ୟକୁ ତାଙ୍କ (ମାର୍କସ୍) ପାଖକୁ ପଶି ଆସିଲାବେଳେ, ସେ (ମାର୍କସ୍) ମୂରୁକି ହସୁଥିଲେ । ସେ(ମାର୍କସ୍)ପଚାରିଥିଲେ, 'କ୍ରେଡିସ୍'* ('Credis') *? (ଅର୍ଥାତ୍ - 'ଧର୍ମବିଧି ଅନୁସାରେ ତୁମ୍ଭେ ପ୍ରସ୍ତୁତ କି ?' - ଅନୁବାଦକ) । ପବ୍ଲିୟସ୍ ପ୍ରତ୍ୟୁତ୍ତରରେ କହିଥିଲେ, 'କ୍ରେଡୋ'* ('Credo') *, (ଅର୍ଥାତ୍ - 'ସମସ୍ତ ଧର୍ମବିଧି ଅନୁସାରେ ମୁଁ ପ୍ରସ୍ତୁତ' - ଅନୁବାଦକ) । ସେ(ପବ୍ଲିୟସ୍) ଆହୁରି କହିଥିଲେ, 'ମୁଁ ବିଶ୍ୱାସ କରେ ଯେ, ମୋହର ପରିତ୍ରାଣ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଆସେ, ଯେ କି ପନ୍ତିୟ ପୀଲାତଙ୍କ ଅଧୀନରେ କ୍ରୁଶାର୍ପିତ ହୋଇଥିଲେ । ତାହଙ୍କର ସହିତ ମୁଁ ମଲି ଯେପରିକି ତାହାଙ୍କର ସହିତ ମୁଁ ଅନନ୍ତ ଜୀବନର ଅଧିକାରୀ ହୋଇପାରେ' । ତତ୍ପରେ ସେ (ପବ୍ଲିୟସ୍) ନିଜକୁ ପଛଆଡ଼କୁ କୁଣ୍ଡ ମଧ୍ୟକୁ ଢଳାଇ ଦେଲା ବେଳେ ଅନୁଭବ କରିଥିଲେ ଯେ, ଶକ୍ତ ବାହୁ ଦୁଇଟି ଯେପରିକି ତାଙ୍କୁ ସମ୍ଭାଳି ରଖିଛି, ଆଉ ଠିକ୍ ସେତିକିବେଳେ ମାର୍କସଙ୍କର କଣ୍ଠସ୍ୱର ତାଙ୍କରି କାନରେ ଶୁଣାଯାଇଥିଲା, 'ମୁଁ ତୁମ୍ଭକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେଉଅଛି' - ତା'ର ଠିକ୍ ପରେ ପରେ କୁଣ୍ଡର ଶୀତଳ ଜଳ ତାଙ୍କୁ ଢାଙ୍କି ପକାଇଥିଲା ।"*

ବାପ୍ତିସ୍ମର ଏହି ସତ୍ୟତାଟି ଲୋପ ନ ପାଇବା ପର୍ଯ୍ୟନ୍ତ { ଆଉ ଏହି ଶେଷ ଯୁଗ ପର୍ଯ୍ୟନ୍ତ ତାହା (ସେହି ବାପ୍ତିସ୍ମ ବିଧି) ଫେରି ଆସି ନ ଥିଲା ଏହା (ଏହି ଅବଧି) ତ ନାଇସିଆ (Nicaea) ର ସମୟଠାରୁ ଏହି ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ଅଟେ } ସେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ନାମରେ ବାପ୍ତିସ୍ମ ପ୍ରଦାନ କରୁଥିଲେ । କିନ୍ତୁ, ଏହା ପୁଣି ଫେରି ଆସିଅଛି । ଶୟତାନ ସେହି ପ୍ରକାଶନକୁ ଛଗିତ କରି ରଖି ନ ପାରେ, ଯେତେବେଳେ ଆତ୍ମା ତାହାକୁ ପ୍ରଦାନ କରିବାକୁ ଇଚ୍ଛା କରନ୍ତି ।

ହଁ, ତିନିଜଣ ପରମେଶ୍ୱର ଯଦି ଥା'ନ୍ତେ, ତାହେଲେ ଆପଣ ନିଶ୍ଚିତରୂପେ ଜଣେ ପିତା, ପୁଣି ଜଣେ ପୁତ୍ର, ପୁଣି ଜଣେ ପବିତ୍ର ଆତ୍ମାଙ୍କ ନିମନ୍ତେ ନିସନ୍ଦେହରେ ବାପ୍ତିସ୍ମ କରି ପାରିଥା'ନ୍ତେ । କିନ୍ତୁ, **ଯୋହନଙ୍କୁ ପ୍ରଦତ୍ତ ପ୍ରକାଶନଟି** ଏହିପରି ଥିଲା, ଯେ, **ଏକମାତ୍ର ପରମେଶ୍ୱର** ଅଛନ୍ତି, ଆଉ ତାହାଙ୍କର ନାମ **ପ୍ରଭୁ ଯୀଶୁ ଖ୍ରୀଷ୍ଟ** ଅଟେ, ଆଉ ଆପଣ **ଏକ** ପରମେଶ୍ୱର ପୁଣି କେବଳ ମାତ୍ର **ଜଣଙ୍କ** ନିମନ୍ତେ ବାପ୍ତିସ୍ମ ଦିଅନ୍ତୁ । ଏହି କାରଣରୁ ପିତର ଠିକ୍ ସେହିପ୍ରକାରେ ହିଁ ବାପ୍ତିସ୍ମ ପ୍ରଦାନ କରିଥିଲେ ଯେଉଁପ୍ରକାରେ ସେ ପେଣ୍ଟିକଷ୍ଟ ଦିନରେ ତାହାକୁ ସମ୍ପାଦନ କରିଥିଲେ । ତାଙ୍କୁ (ପିତରଙ୍କୁ) ତ ସେହି ପ୍ରକାଶନ ପ୍ରତି ସଚ୍ଚୋଟ ହେଇ ରହିବାକୁ ହିଁ ଥିଲା, ଯାହା ଏହିପ୍ରକାର ଥିଲା : "ଅତଏବ, ସମସ୍ତ ଇସ୍ରାୟେଲକୁଳ ନିଶ୍ଚୟ

ଜାଣନ୍ତୁ ଯେ, ଯାହାଙ୍କୁ ଆପଣମାନେ କ୍ରୁଶାର୍ପିତ କରିଥିଲେ, ପରମେଶ୍ୱର ସେହି ସମାନ 'ଯୀଶୁଙ୍କୁ ପ୍ରଭୁ ଓ ଖ୍ରୀଷ୍ଟ ଉଭୟ' ପଦରେ ନିଯୁକ୍ତ କରିଅଛନ୍ତି ।'' ସେଠାରେ ତ ସେ ''ପ୍ରଭୁ ଯୀଶୁ ଖ୍ରୀଷ୍ଟ'' ଅଟନ୍ତି ।

ଯୀଶୁ ହିଁ ଯଦି 'ପ୍ରଭୁ ଏବଂ ଖ୍ରୀଷ୍ଟ' ''ଉଭୟ'' ଅଟନ୍ତି,' ତାହାହେଲେ ସେ (ଯୀଶୁ) ହିଁ ମାଂସମୟ ଶରୀର ମଧ୍ୟରେ ସେହି ଜଣେ ବ୍ୟକ୍ତିଙ୍କଠାରେ ପ୍ରକଟିତ ''ପିତା, ପୁତ୍ର ଏବଂ ପବିତ୍ର ଆତ୍ମା'' ଅଟନ୍ତି, ଅନ୍ୟ ଆଉ କେହି ହୋଇପାରିବେ ନାହିଁ । ଏହା ତିନି ବ୍ୟକ୍ତିଙ୍କ ମଧ୍ୟରେ ସେହି ପରମେଶ୍ୱର ଅର୍ଥାତ୍ ଧନ୍ୟ ତ୍ରିତ୍ୱ (blessed trinity)'' ନୁହଁନ୍ତି, ମାତ୍ର ତିନିଗୋଟି ମୁଖ୍ୟ ଉପାଧି (three major titles) ସହ ପୁଣି ସେହି ଉପାଧିଗୁଡ଼ିକୁ ପ୍ରକଟକାରୀ ତିନି ପଦବୀବିଶିଷ୍ଟ କାର୍ଯ୍ୟ (offices) ସହ ଏକ ପରମେଶ୍ୱର, ଅର୍ଥାତ୍ ଏକ ବ୍ୟକ୍ତି (ONE PERSON) ହିଁ ଅଟନ୍ତି । ଏହାକୁ ଆଉ ଥରେ ଶ୍ରବଣ କରନ୍ତୁ, ଯଥା : ଏହି ସମାନ ଯୀଶୁ ହିଁ , ''ପ୍ରଭୁ ଏବଂ ଖ୍ରୀଷ୍ଟ ଉଭୟ (BOTH) ଅଟନ୍ତି ।'' ପ୍ରଭୁ (ପିତା) ଏବଂ ଖ୍ରୀଷ୍ଟ (ପବିତ୍ର ଆତ୍ମା) ଯୀଶୁ ଅଟନ୍ତି, କାରଣ ସେ (ଯୀଶୁ) ହିଁ ସେମାନଙ୍କ ( ପ୍ରଭୁ ଏବଂ ଖ୍ରୀଷ୍ଟ ) ମଧ୍ୟରୁ ଉଭୟ ଅଟନ୍ତି ।

ଏହି ଉପରୋକ୍ତ ବ୍ୟାଖ୍ୟା ଯଦି ଆମକୁ ପରମେଶ୍ୱରତ୍ୱ (godhead)ର ସତ୍ୟପ୍ରକାଶନ(true revelation)କୁ ଦର୍ଶାଏ ନାହିଁ, ତାହାହେଲେ ଆଉ କୌଣସି ବିଷୟ ତାହା ଦର୍ଶାଇବ ନାହିଁ । ପ୍ରଭୁ ଅନ୍ୟ ଆଉ କେହି ଜଣେ ନୁହଁନ୍ତି, ଖ୍ରୀଷ୍ଟ ମଧ୍ୟ କେହି ଜଣେ ଅନ୍ୟ ନୁହଁନ୍ତି । ଏହି ଯୀଶୁ ହିଁ 'ପ୍ରଭୁ ଯୀଶୁ ଖ୍ରୀଷ୍ଟ' ଅଟନ୍ତି – ଅର୍ଥାତ୍ ଏକ ପରମେଶ୍ୱର (ONE GOD) ।

ଦିନେ ଫିଲିପ୍ପ ଯୀଶୁଙ୍କୁ କହିଲେ, ''ପ୍ରଭୁ ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାନ୍ତୁ ଏବଂ ଏହା ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ ହେବ ।'' ଯୀଶୁ ତାଙ୍କୁ ଉତ୍ତର ଦେଇଥିଲେ, ''ଏତେକାଳ ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଅଛି, ଆଉ ତୁମ୍ଭେ କଅଣ ମୋତେ ଜାଣିଲ ନାହିଁ ? ଯେ ମୋତେ ଦେଖିଅଛି, ସେ ପିତାଙ୍କୁ ଦେଖିଅଛି, ଏଣୁ ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାନ୍ତୁ ବୋଲି ତୁମ୍ଭେ କିପରି କହୁଅଛ ? ମୁଁ ଏବଂ ମୋହର ପିତା ଏକ ।'' (ଯୋହନ ୧୪ : ୮-୯ ; ୧୦: ୩୦) । ମୁଁ ଥରେ ତାହା ଉଲ୍ଲେଖ କରି କହିଲାବେଳେ ଜଣେ ମହିଳା ମୋତେ କହିଥିଲେ, ''ଶ୍ରୀମାନ୍ ବ୍ରାନହାମ୍, ଗୋଟିଏ ମିନିଟ ଟିକେ ରହନ୍ତୁ, ତାହାହେଲେ ଆପଣ ଏବଂ ଆପଣଙ୍କର ପତ୍ନୀ ଏକ ଅଟନ୍ତି ।''

ମୁଁ କହିଥିଲି, ''ନା, ସେପରି ନୁହେଁ ।''

ସେ କହିଥିଲେ, ''ଦୟାକରି ଆପଣ ତାହା ବୁଝାଇବେ କି ?''

ଏଣୁ ମୁଁ ତାଙ୍କୁ କହିଥିଲି, ''ଆପଣ ମୋତେ ଦେଖନ୍ତି କି ?''

ସେ କହିଥିଲେ, ''ହଁ ।''

ମୁଁ ପଚାରିଥଲି, ତେବେ ଆପଣ ମୋର ପତ୍ନୀଙ୍କୁ ମଧ୍ୟ ଦେଖନ୍ତି କି

ସେ ଉତ୍ତର ଦେଇଥିଲେ, ନା !

ମୁଁ କହିଥିଲି "ତେବେ, ସେହି 'ଏକତ୍ୱ'(oneness) **ଏକ ଭିନ୍ନ ଧରଣର** ଅଟେ, କାରଣ ସେ (ଯୀଶୁ) କହିଥିଲେ, "ଯେବେ ତୁମେ ମୋତେ ଦେଖିଥାଅ ତୁମେ ପିତାଙ୍କୁ ଦେଖିଥାଅ ।"

ଭାବବାଦୀ କହିଥିଲେ ଯେ, "ସନ୍ଧ୍ୟାକାଳରେ ଦୀପ୍ତି ହେବ" (ଯିଖରିୟ ୧୪ : ୭) ଗୋଟିଏ ଗୀତରେ ଏପ୍ରକାର ଲେଖାଅଛି :

*"ହେବ ଦୀପ୍ତି ଏହି ସନ୍ଧ୍ୟା କାଳରେ,*
*ପାଇବ ପଥ ମହିମାକୁ ତୁମେ ନିଶ୍ଚିତରେ ।*
*ଦୀପ୍ତି ଅଟଇ ତାହା ଆଜି, ଜଳମାର୍ଗରେ,*
*ସମାଧିସ୍ଥ ହୋଇ ଯୀଶୁଙ୍କର ବହୁମୂଲ୍ୟ ନାମରେ ।*
*ପିଲା ଓ ବୁଢ଼ାଏ, ଫେରାଅ ସକଳ ପାପରୁ ତବ ମନକୁ,*
*ନିଶ୍ଚେ ପ୍ରବେଶିବେ, ପବିତ୍ରଆତ୍ମା ତବ ଅନ୍ତରକୁ ।*
*ଆସିଛି ସନ୍ଧ୍ୟାକାଳୀନ ଆଲୋକ*
*ଅଟଇ ଏହା ସତ୍ୟ ଯେ, ଖ୍ରୀଷ୍ଟ ଓ ପରମେଶ୍ୱର ଅଟନ୍ତି ଏକ ।"*

କିଛି ଦିନ ପୂର୍ବେ, ମୁଁ ଜଣେ ଯିହୁଦୀ ରାବ୍‌ବୀ (ଅର୍ଥାତ୍ ଯିହୁଦୀ ଗୁରୁ ଅନୁବାଦକ)ଙ୍କ ସହିତ କଥାବାର୍ତ୍ତା କରୁଥିଲି । ସେ ମୋତେ କହିଥିଲେ, "ଆପଣ ବିଜାତିଗଣ, ପରମେଶ୍ୱରଙ୍କୁ ତିନିଭାଗରେ ବିଭକ୍ତ କରି ତାହାଙ୍କୁ ଜଣେ ଯିହୂଦୀକୁ ଦେଇପାରିବେ ନାହିଁ । ଆମେ ତହିଁ ଅପେକ୍ଷା ଅଧିକତର ଭଲ ଜାଣୁ ।"

ମୁଁ ତାଙ୍କୁ କହିଲି, ହେ ରାବ୍‌ବୀ, ତାହା ଏହି ପ୍ରକାର ଅଟେ । ଆମେ ପରମେଶ୍ୱରଙ୍କୁ ତିନି ଭାଗରେ ବିଭକ୍ତ କରି ନ ଥାଉ । ଆପଣ ଭାବବାଦୀମାନଙ୍କ ଉପରେ ବିଶ୍ୱାସ କରନ୍ତି, ତା ନୁହେଁ କି ?

ସେ ଉତ୍ତର ଦେଇଥିଲେ, ନିଶ୍ଚିତରୂପେ ମୁଁ ବିଶ୍ୱାସ କରେ ।

ଆପଣ ଯିଶାଇୟ ୯ :୬ ପଦ ବିଶ୍ୱାସ କରନ୍ତି କି ?"

ହଁ ।"

ଏହି ସ୍ଥାନରେ ଭାବବାଦୀଜଣକ କାହା ସମ୍ବନ୍ଧରେ କହୁଛନ୍ତି?"

"ମଶୀହଙ୍କ ସମ୍ବନ୍ଧରେ ।"

ମୁଁ ପଚାରିଲି, "ପରମେଶ୍ୱରଙ୍କ ସହିତ ମଶୀହଙ୍କ କଅଣ ସମ୍ବନ୍ଧ ହେବ ?"

ସେ କହିଲେ, "ସେ (ମଶୀହ)ପରମେଶ୍ୱର ହେବେ ।"

ମୁଁ କହିଥିଲି, "ତାହା ଠିକ୍ ଅଟେ ।" ଆମେନ

ଆପଣ ପରମେଶ୍ୱରଙ୍କୁ ତିନୋଟି ବ୍ୟକ୍ତି ବା ତିନି ଅଂଶରେ ସ୍ଥାପନ କରିପାରିବେ ନାହିଁ । ଆପଣ ଜଣେ ଯିହୂଦୀକୁ କହିପାରିବେ ନାହିଁ ଯେ, ଜଣେ ପିତା, ଜଣେ ପୁତ୍ର ଏବଂ ଜଣେ ପବିତ୍ର ଆତ୍ମା ଅଛନ୍ତି । ସେ ବ୍ୟକ୍ତି ତତ୍କ୍ଷଣାତ୍ ଆପଣଙ୍କୁ କହିଦେବ ଯେ, ସେପରି

ବିଚାରଧାରାଟି କେଉଁଠାରୁ ଆସିଥିଲା । ଯିହୁଦୀମାନେ ଜାଣନ୍ତି ଯେ, ଏହି ମତଟି ନାଇସିଆ **ପରିଷଦ'** ରେ ସ୍ଥାପିତ ହୋଇଥିଲା । ଯିହୁଦୀମାନେ ଯେ ଆମକୁ ମୂର୍ତ୍ତିପୂଜକ କହି ତିରସ୍କାର ବା ଘୃଣା କରନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଆମେ ଏପରି ଏକ ପରମେଶ୍ୱରଙ୍କ ବିଷୟରେ କଥାବାର୍ତ୍ତା କରୁଅଛୁ, ଯେ ପରିବର୍ତ୍ତିତ ହୁଅନ୍ତି ନାହିଁ ।

ଯିହୁଦୀମାନେ ମଧ୍ୟ ତାହା ବିଶ୍ୱାସ କରିଥା'ନ୍ତି । କିନ୍ତୁ ମଣ୍ଡଳୀ ନିଜର ଅପରିବର୍ତ୍ତନୀୟ ପରମେଶ୍ୱରଙ୍କୁ **ଏକ** ରୁ **ତିନି** କୁ ବଦଳାଇ ଦେଲା । ମାତ୍ର ଦୀପ୍ତି (ଆଲୋକ) ସନ୍ଧ୍ୟାକାଳରେ ଫେରିଆସୁଅଛି । **ଏହା କେତେ ଚିତ୍ତାକର୍ଷକ ଯେ, ଏହି ସତ୍ୟତା ଠିକ୍ ସେହି ସମୟରେ ଆସିଅଛି, ଯେଉଁ ସମୟରେ ଯିହୂଦୀମାନେ ପାଲେଷ୍ଟାଇନ୍ ଦେଶକୁ ଫେରି ଆସୁଛନ୍ତି** । ପରମେଶ୍ୱର ଏବଂ ଖ୍ରୀଷ୍ଟ ଏକ ହିଁ ଅଟନ୍ତି । ଏହି ଯୀଶୁ, **'ପ୍ରଭୁ ଏବଂ ଖ୍ରୀଷ୍ଟ'** 'ଉଭୟ' ଅଟନ୍ତି ।

ଯୋହନ ପ୍ରକାଶନକୁ ଲାଭ କରିଥିଲେ, ଆଉ ଯୀଶୁ ହିଁ ସେହି ପ୍ରକାଶନ ଥିଲେ ପୁଣି ଧର୍ମଶାସ୍ତ୍ରର ଠିକ୍ ଏହି ସ୍ଥାନରେ ସେ ଆପଣାକୁ ଉପସ୍ଥାପିତ କରି କହିଥିଲେ- ସେହି ସର୍ବଶକ୍ତିମାନ୍, ଯେ (ଅତୀତରେ) ଥିଲେ, ପୁଣି ଯେ (ବର୍ତ୍ତମାନ) ଅଛନ୍ତି ଏବଂ ଯେ (ଭବିଷ୍ୟତରେ) ଆସିବେ, **ମୁଁ ଅଟେ** (I AM)। ଆମେନ୍ ।"

ଯଦି ପ୍ରକାଶନଟି ଆପଣଙ୍କଠାରୁ ଦୂରରେ, ତାହାହେଲେ ଉର୍ଦ୍ଧ୍ୱକୁ ଦୃଷ୍ଟିପାତ କରନ୍ତୁ ଓ ଏଥିପାଇଁ ଯତ୍ନ ସହକାରେ ପରମେଶ୍ୱରଙ୍କୁ ଅନ୍ୱେଷଣ କରନ୍ତୁ । ତାହା ହିଁ ତ ଏକମାତ୍ର ଉପାୟ, ଯଦ୍ୱାରା ଆପଣ କଦାଚ ଏହା (ପ୍ରକାଶନ)କୁ ପାଇବାକୁ ଯାଉଅଛନ୍ତି । ଏକ ପ୍ରକାଶନକୁ ପରମେଶ୍ୱରଙ୍କଠାରୁ ହିଁ ଆସିବାକୁ ଅଛି । ଏହା ତ ମନୁଷ୍ୟଜାତି କିମ୍ବା ପ୍ରାକୃତିକ ପ୍ରତିଭାମାନ(natural endowments) ଦ୍ୱାରା କୌଣସି ସମୟରେ କେବେହେଲେ ଆସେ ନାହିଁ, ମାତ୍ର ଆତ୍ମିକ ଦାନ(Spiritual enduement) ଦ୍ୱାରା ହିଁ ଆସିଥାଏ । ଆପଣ ହୁଏତ ଧର୍ମଶାସ୍ତ୍ରକୁ ଏକ ପ୍ରକାର ମୁଖସ୍ଥ ମଧ୍ୟ କରି ପାରନ୍ତି ଏବଂ ଯଦିଓ ତାହା ଅତି ଉତ୍ତମ ଅବା ବିଚକ୍ଷଣ ବିଷୟ ଅଟେ, ତଥାପି ତଦ୍ୱାରା ପ୍ରକାଶନ ଲାଭ କରି ହେବ ନାହିଁ । ଏହାକୁ ତ ପରମେଶ୍ୱରଙ୍କଠାରୁ ହିଁ ଏକ ପ୍ରକାଶନ ହେବାକୁ ଅଛି । ବାକ୍ୟରେ ଏହା ଉଲ୍ଲିଖିତ ଯେ, "ପବିତ୍ର ଆତ୍ମା ବିନୁ କୌଣସି ମନୁଷ୍ୟ ସ୍ୱୟଂରୁ ଯୀଶୁଙ୍କୁ ମଶୀହ କହିପାରେ ନାହିଁ ।" ( ୧ମ କରନ୍ଥୀ ୧୨: ୩) । ପ୍ରଥମେ ଆପଣଙ୍କୁ ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବାକୁ ହେବ, ଆଉ ତାପରେ ହିଁ ପବିତ୍ର ଆତ୍ମା ଆପଣଙ୍କୁ ଏହି **ପ୍ରକାଶନ** ଦାନ କରିପାରନ୍ତି ଯେ **ଯୀଶୁ ହିଁ ଖ୍ରୀଷ୍ଟ (ମଶୀହ ) :** ଅର୍ଥାତ୍ ସେହି **ଅଭିଷିକ୍ତ ଜଣକ** ପରମେଶ୍ୱର ଅଟନ୍ତି ।

( "ସପ୍ତ ମାଣ୍ଡଳୀକ ଯୁଗ" ପୁସ୍ତକାରେ ବର୍ଣ୍ଣିତ ବିଷୟବସ୍ତୁର ଏକ ବ୍ୟାଖ୍ୟା ଅଟେ ।)

**VOICE OF GOD RECORDINGS INC.**
**P.O. Box 950, Jeffersonville, Indiana, U.S.A. 47131**
**INDIA OFFICE**
**NO.28,SHENOY ROAD,NUNGAMBAKKAM,CHENNAI-34**

Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org